# NATIONAL NEWS BULLETIN (ODIA)

**8 February - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ପ୍ରତିରକ୍ଷା ଓ ସୁରକ୍ଷା ସମ୍ପର୍କ ସୁଦୃଢ଼ କରିବା ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ମାଲେସିଆ ପ୍ରତିପକ୍ଷ ଅନଓ୍ୱାର ଇବ୍ରାହିମ୍‌ଙ୍କ ମଧ୍ୟରେ ଆଲୋଚନା

– ଉଭୟ ଦେଶ ମଧ୍ୟରେ ଏକାଧିକ ବୁଝାମଣା ପତ୍ର ସ୍ୱାକ୍ଷରିତ

- ଛତିଶଗଡ଼ର ରାୟପୁରଠାରେ ବାମପନ୍ଥୀ ଉଗ୍ରବାଦର ବିଲୋପ ସଂକ୍ରାନ୍ତ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କଲେ ସ୍ୱରାଷ୍ଟ୍ର ମନ୍ତ୍ରୀ

- ଆୟକର ଅଧିନିୟମ-୨୦୨୫ ସମ୍ବନ୍ଧୀୟ ପ୍ରସ୍ତାବିତ ନିୟମ ଉପରେ ପରାମର୍ଶ ଆହ୍ୱାନ କଲେ କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ–ସି.ବି.ଡି.ଟି

ଏବଂ

- ଆଇସିସି ପୁରୁଷ ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ ପ୍ରତିଯୋଗିତାରେ ଆଜି ଅନୁଷ୍ଠିତ ହେଉଛି ତିନୋଟି ମ୍ୟାଚ୍

– ପ୍ରଥମ ମ୍ୟାଚ୍ ନ୍ୟୁଜିଲାଣ୍ଡ ଓ ଆଫଗାନିସ୍ତାନ ମଧ୍ୟରେ ଜାରି

# ପିଏମ୍‌-ମାଲେସିଆ ଭିଜିଟ୍‌

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି କୁଆଲାଲମ୍ପୁରରେ ମାଲେସିଆ ପ୍ରତିପକ୍ଷ ଅନୱାର ଇବ୍ରାହିମ୍‌ଙ୍କ ସହ ବ୍ୟାପକ ଆଲୋଚନା କରିଛନ୍ତି। ଏହି ଆଲୋଚନାରେ ଦୁଇ ଦେଶର ପ୍ରତିରକ୍ଷା ଓ ସୁରକ୍ଷା ସମ୍ପର୍କ ସୁଦୃଢ଼ ଏବଂ ଆର୍ଥିକ ତଥା ନବସୃଜନ ଭାଗିଦାରୀ ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଛି। ଉଭୟଙ୍କ ମଧ୍ୟରେ ବିପର୍ଯ୍ୟୟ ପରିଚାଳନା, ଦୃଶ୍ୟଶ୍ରାବ୍ୟ ସହ-ଉତ୍ପାଦନ, ଦୁର୍ନୀତି ମୁକାବିଲା, ସେମିକଣ୍ଡକ୍ଟର ବିକାଶ ଏବଂ ସୁରକ୍ଷା କ୍ଷେତ୍ରରେ ସହଯୋଗ ସମେତ ଅନେକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ' ଆତଙ୍କବାଦର ମୁକାବିଲା, ଗୁଇନ୍ଦା ତଥ୍ୟ ଆଦାନ ପ୍ରଦାନ, ସାମୁଦ୍ରିକ ସୁରକ୍ଷା ଏବଂ ପ୍ରତିରକ୍ଷା କ୍ଷେତ୍ରରେ ଉଭୟ ପକ୍ଷ ମଧ୍ୟରେ ସହଯୋଗ ବୃଦ୍ଧି ପାଇବା ଉପରେ ଗୁରୁତ୍ୱ ଦେଇଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ଆତଙ୍କବାଦ ସମ୍ପର୍କରେ ଭାରତର ଆଭିମୁଖ୍ୟ ଅତ୍ୟନ୍ତ ସ୍ପଷ୍ଟ। ଆତଙ୍କବାଦ ଉପରେ କୌଣସି ଦ୍ୱୈତ ଭୂମିକା ଏବଂ କୌଣସି ପରିସ୍ଥିତିରେ ଏହାକୁ ସାଲିସ କରାଯାଇପାରିବ ନାହିଁ ବୋଲି ଶ୍ରୀ ମୋଦୀ ମତବ୍ୟକ୍ତ କରିଛନ୍ତି। ଦୁଇ ଦେଶ ମଧ୍ୟରେ ଶକ୍ତି, ଭିତ୍ତିଭୂମି, ଉତ୍ପାଦନ ଏବଂ ଡିଜିଟାଲ୍‌ ଅର୍ଥବ୍ୟବସ୍ଥାରେ ସହଯୋଗ ବୃଦ୍ଧି  ପାଇବା ଉପରେ ଉଲ୍ଲେଖ କରି କରିଛନ୍ତି।

**V/O–PM**

ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି, କୃତ୍ରିମ ବୁଦ୍ଧିମତା, ସେମିକଣ୍ଡକ୍ଟର, ସ୍ୱାସ୍ଥ୍ୟ ଏବଂ ଖାଦ୍ୟ ସୁରକ୍ଷା କ୍ଷେତ୍ରରେ ଉଭୟ ଦେଶ ମଧ୍ୟରେ ସହଭାଗିତା ସୁଦୃଢ଼ ହେବ।

ପ୍ରଧାନମନ୍ତ୍ରୀ କହିଛନ୍ତି, ସାମୁଦ୍ରିକ ପଡ଼ୋଶୀ ଭାବେ ଭାରତ ଏବଂ ମାଲେସିଆ ମଧ୍ୟରେ ଏକ ସ୍ୱତନ୍ତ୍ର ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ରହିଆସିଛି।

ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ଉଭୟ ଦେଶ ଯଥାଶୀଘ୍ର ଆସିଆନ-ଭାରତ ବାଣିଜ୍ୟରେ ଦ୍ରବ୍ୟ ରାଜିନାମା (ଏ.ଆଇ.ଟି.ଆଇ.ଜି.ଏ.) ର ସମୀକ୍ଷା ଶୀଘ୍ର ଶେଷ କରବିାକୁ ସମ୍ମତି ପ୍ରକାଶ କରିଛନ୍ତି। ଶ୍ରୀ ମୋଦୀ କହିଛନ୍ତି, ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ କ୍ଷେତ୍ର ଅଭିବୃଦ୍ଧିର ଏକ ଇଞ୍ଜିନ ଭାବେ ଉଭା ହେଉଛି ଏବଂ ଏହି କ୍ଷେତ୍ରରେ ବିକାଶ, ଶାନ୍ତି ଓ ସ୍ଥିରତା ପାଇଁ ଭାରତ ଏବଂ ମାଲେସିଆ ମିଳିତ ଭାବେ କାର୍ଯ୍ୟ କରୁଛନ୍ତି। ଆଜିର କାର୍ଯ୍ୟକ୍ରମର ଅଂଶବିଶେଷ ସ୍ୱରୂପ ପ୍ରଧାନମନ୍ତ୍ରୀ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ, ନିବେଶ ଏବଂ ଆର୍ଥିକ ସମ୍ପର୍କକୁ ଆହୁରି ବୃଦ୍ଧି କରିବା ଲାଗି ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ବ୍ୟବସାୟିକ ନେତୃମଣ୍ଡଳୀଙ୍କ ସହ ମଧ୍ୟ ଆଲୋଚନା କରିଛନ୍ତି। ଗସ୍ତ ଶେଷ କରିବା ପୂର୍ବରୁ ପ୍ରଧାନମନ୍ତ୍ରୀ ଭାରତୀୟ ଜାତୀୟ ସେନାର ଭେଟେରାନ ଏବଂ ମାଲେସିଆର ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ଭେଟିଛନ୍ତି।

## ଛତିଶଗଡ଼- ଅମିତ ଶାହା

ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହା ଆଜି ଛତିଶଗଡ଼ର ରାୟପୁରଠାରେ ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ଅଞ୍ଚଳର ସୁରକ୍ଷା ବ୍ୟବସ୍ଥା ଏବଂ ବିକାଶ ପ୍ରକଳ୍ପର ସମୀକ୍ଷା ପାଇଁ ଦୁଇଟି ଉଚ୍ଚସ୍ତରୀୟ ବୈଠକ

କରୁଛନ୍ତି। କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀ, ସୁରକ୍ଷା ସଂସ୍ଥାଗୁଡ଼ିକର ପ୍ରତିନିଧିମାନେ ଏହି ବୈଠକରେ ଅଂଶଗ୍ରହଣ କରୁଛନ୍ତି। ଆଜି ସନ୍ଧ୍ୟାରେ ସ୍ୱରାଷ୍ଟ୍ର ମନ୍ତ୍ରୀ ରାୟପୁରରେ 'ଛତିଶଗଡ଼ @25 ସିଫ୍ଟିଙ୍ଗ ଦ ଲେନ୍ସ' ଶୀର୍ଷକ ଜାତୀୟ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ଜଗଦଲପୁରରେ ଆସନ୍ତାକାଲି ହେବାକୁ ଥିବା ବସ୍ତର ପାଣ୍ଡୁମ ମହୋତ୍ସବର ଉଦଯାପନୀ ଉତ୍ସବରେ ଶ୍ରୀ ଶାହା ଅଂଶଗ୍ରହଣ କରିବେ। ଶ୍ରୀ ଶାହା' ଛତିଶଗଡ଼କୁ ତିନି ଦିନିଆ ଗସ୍ତରେ ଯାଇ ଗତକାଲି ସନ୍ଧ୍ୟାରେ ରାୟପୁରରେ ପହଞ୍ଚିଥିଲେ।

କେନ୍ଦ୍ର ସରକାର ଆସନ୍ତା ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଦେଶରୁ ସମ୍ପୂର୍ଣ୍ଣ ନକ୍ସଲବାଦର ବିଲୋପ କରିବା ସଂକ୍ରାନ୍ତ ଆଭିମୁଖ୍ୟ ପୋଷଣ କରିଛନ୍ତି। ରାୟପୁରରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସୁରକ୍ଷା ସଂକ୍ରାନ୍ତୀୟ ବୈଠକ ଅତ୍ୟନ୍ତ ଗୁରୁତ୍ୱ ବହନ କରେ ବୋଲି ଆମ ସମ୍ବାଦଦାତା କହିଛନ୍ତି। ଛତିଶଗଡ଼ ସମେତ ଦେଶର ବିଭିନ୍ନ ପ୍ରାନ୍ତରେ ଥିବା ନକ୍ସଲବାଦ ସମସ୍ୟା ସମୂଳେ ବିଲୋପ ହେବାକୁ ଯାଉଛି।

## ମୁମ୍ବାଇ-ଇଲିଗାଲ୍-ଇମିଗ୍ରେସନ୍

ମୁମ୍ବାଇ ପୋଲିସ୍ ବେଆଇନଭାବେ ବସତି ସ୍ଥାପନ କରୁଥିବା ୪ ଜଣ ବାଂଲାଦେଶୀ ନାଗରିକଙ୍କୁ ଗିରଫ କରିବା ସହ ନକଲି ପରିଚୟପତ୍ର ଜବତ କରିଛନ୍ତି। ପୂର୍ବ ମାଲାଦ ପଠାନୱାଡି ଅଞ୍ଚଳରେ ଏକାଧିକ ସମନ୍ୱିତ ଅପରେସନ ପରେ ଏହି ଗିରଫଦାରୀ କରାଯାଇଥିବା  ପୋଲିସ ସୂତ୍ରରୁ ଜଣାଯାଇଛି। ପୋଲିସର କହିବା ଅନୁଯାୟୀ, କୁରାର ପୋଲିସ ଷ୍ଟେସନରେ ଅବସ୍ଥାପିତ ଏକ ଆତଙ୍କବାଦ ବିରୋଧୀ ସେଲ୍‌—ଏ.ଟି.ସି' ଅଧିକାରୀ ବାଂଲାଦେଶୀ ନାଗରିକମାନେ ଏହି ଅଞ୍ଚଳରେ ବେଆଇନ

ଭାବରେ ଚଳାଚଳ ଏବଂ ନକଲି ପରିଚୟପତ୍ର ବ୍ୟବହାର ସଂକ୍ରାନ୍ତୀୟ ନିର୍ଦ୍ଦିଷ୍ଟ ଗୁଇନ୍ଦା ସୂଚନା ପାଇବା ପରେ ଏହି ଅଭିଯାନ ଆରମ୍ଭ କରାଯାଇଥିଲା। ସୂଚନା ଆଧାରରେ ପୋଲିସ ଫେବୃଆରୀ ୨, ୪ ଏବଂ ୬ ତାରିଖରେ ମିଳିତ ଚଢ଼ାଉ କରିଥିଲା।

# ସିବିଡିଟି– ଇନକମ ଟ୍ୟାକ୍ସ

କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ (ସି.ବି.ଡି.ଟି) ଆୟକର ଅଧିନିୟମ– ୨୦୨୫ ସମ୍ବନ୍ଧୀୟ ପ୍ରସ୍ତାବିତ ଆୟକର ନିୟମ ଏବଂ ଫର୍ମ ଉପରେ ଅଂଶୀଦାରମାନଙ୍କ ଠାରୁ ପରାମର୍ଶ ଆହ୍ୱାନ କରୁଛନ୍ତି। ଗତ ବର୍ଷ ଅଗଷ୍ଟରେ ରାଷ୍ଟ୍ରପତିଙ୍କ ମଞ୍ଜୁରୀ ପାଇଥିବା  ଆୟକର ଅଧିନୟମ ଚଳିତ ବର୍ଷ ଏପ୍ରିଲ ୧ ତାରିଖରୁ ଲାଗୁ ହେବ। ଅର୍ଥ ମନ୍ତ୍ରଣାଳୟ ସୂଚନା ଅନୁଯାୟୀ, ଚୂଡ଼ାନ୍ତ ବିଜ୍ଞପ୍ତି ପୂର୍ବରୁ, ପ୍ରସ୍ତାବିତ ଆୟକର ନିୟମ ଏବଂ ଫର୍ମଗୁଡିକ ଅଫିସିଆଲ୍ ୱେବସାଇଟ୍ incometaxindia.gov.in ରେ ଅପଲୋଡ୍ କରାଯାଇଛି। ଭାଷାର ସରଳୀକରଣ, ମକଦ୍ଦମା ହ୍ରାସ, ଅନୁପାଳନ ବୋଝ ହ୍ରାସ ଏବଂ ଅନାବଶ୍ୟକ କିମ୍ବା ଅପ୍ରଚଳିତ ନିୟମ ଓ ଫର୍ମଗୁଡ଼ିକର ଚିହ୍ନଟ ଉପରେ ପରାମର୍ଶ ମାଗିଛନ୍ତି।

# ଦିଲ୍ଲୀ– ଇଭି ବସ୍

ଦିଲ୍ଲୀ ସରକାର ଆଜି ଜାତୀୟ ରାଜଧାନୀରେ ୫୦୦ ବିଦ୍ୟୁତ ଚାଳିତ ବସ୍ ଚଳାଚଳର ଶୁଭାରମ୍ଭ କରିଛନ୍ତି। ଦିଲ୍ଲୀ-ପାନିପଥ ଅଭିମୁଖେ ବସ୍ ସେବାର ମଧ୍ୟ ଆରମ୍ଭ କରାଯାଇଛି।  ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ସମାବେଶକୁ ସମ୍ବୋଧିତ କରି କହିଛନ୍ତି, ଜାତୀୟ ରାଜଧାନୀରେ ମୋଟ ବସ୍ ସଂଖ୍ୟା ବର୍ତ୍ତମାନ ୪ ହଜାର ଅତିକ୍ରମ କରିଛି। ସେ କହିଛନ୍ତି,

୨୦୨୮ ସୁଦ୍ଧା ଏହି ବସ୍ ସେବା ୧୪ ହଜାରକୁ ବୃଦ୍ଧି ପାଇବାର ଲକ୍ଷ୍ୟ ରଖାଯାଇଛି। ଦିଲ୍ଲୀରେ ଏକ ନୂତନ ବିଦ୍ୟୁତ୍ ଚାଳିତ ପରିବହନ ନୀତି କାର୍ଯ୍ୟକାରୀ କରାଯାଇ ଏହି ଅଞ୍ଚଳକୁ ପରିଷ୍କାର ଏବଂ ପରିବେଶ ଉପଯୋଗୀ କରାଯିବ।

# ଆଇଏନ୍ଏସ୍ ସୁଦର୍ଶିନୀ- ଓମାନ

ଭାରତୀୟ ନୌସେନାର ନୌଚାଳନା ତାଲିମ ଜାହାଜ ଆଇ.ଏନ୍.ଏସ୍. ସୁଦର୍ଶିନୀ ଓମାନର ସଲାଲାରେ ନିଜର ପ୍ରଥମ ଐତିହାସିକ ପ୍ରଦର୍ଶନ ଶେଷ କରିଛି। ଏହା ଭାରତ ଏବଂ ଓମାନ ମଧ୍ୟରେ ସାମୁଦ୍ରିକ ସମ୍ପର୍କ ଏବଂ ଦୁଇ ନୌସେନା ମଧ୍ୟରେ ବନ୍ଧୁତ୍ୱକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱପୂର୍ଣ୍ଣ ବୋଲି ମନେ କରାଯାଉଛି। ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି, ଏହି ଗସ୍ତ ଜାହାଜର ମହତ୍ତ୍ୱାକାଂକ୍ଷୀ ଦଶ ମାସର ଆନ୍ତଃ-ମହାସାଗରୀୟ ଯାତ୍ରା, ଲୋକାୟନ ୨୬ ରେ ଏକ ମାଇଲଖୁଣ୍ଟ ସ୍ଥାପନ କରିଛି। ଯାହାର ଉଦ୍ଦେଶ୍ୟ ଭାରତର ସମୃଦ୍ଧ ସାମୁଦ୍ରିକ ଐତିହ୍ୟ ଏବଂ ସମଗ୍ର ବିଶ୍ୱରେ ବସୁଧୈବ କୁଟୁମ୍ବକମର ନୀତିକୁ ଅନୁପାଳନ କରୁଛି।

# କ୍ରିକେଟ

ଆଇସିସି ପୁରୁଷ ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ ପ୍ରତିଯୋଗିତା-୨୦୨୬ରେ ଆଜି ତିନୋଟି ମ୍ୟାଚ୍ ଅନୁଷ୍ଠିତ ହେଉଛି।

ପ୍ରଥମ ମ୍ୟାଚ୍ ଚେନ୍ନାଇର ଏମ୍.ଏ.ଚିଦାମ୍ବରମ ଷ୍ଟାଡିୟମ୍‌ରେ ନ୍ୟୁଜିଲାଣ୍ଡ ଏବଂ ଆଫଗାନିସ୍ତାନ ମଧ୍ୟରେ ଜାରି ରହିଛି। ଆଫଗାନିସ୍ତାନ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୨୦ ଓଭରରେ

ଦଳ ୬ ଓ୍ୱିକେଟ୍ ହରାଇ ୧୮୨ ରନ୍ ସଂଗ୍ରହ କରିଥିଲା। ସମ୍ବାଦ ପ୍ରସ୍ତୁତ ହେବା ବେଳକୁ, ୧୮୩ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ନ୍ୟୁଜିଲାଣ୍ଡ ୧୧ ଓଭରରେ ୩ ଓ୍ୱିକେଟ୍ ହରାଇ୧୦୧ ରନ୍ ସଂଗ୍ରହ କରିଛି।

ଆଜିର ଦ୍ୱିତୀୟ ମ୍ୟାଚ୍ ଇଂଲଣ୍ଡ ଓ ନେପାଳ ମଧ୍ୟରେ ଅପରାହ୍ନ ୩ଟା ସମୟରେ ମୁମ୍ବାଇର ଓ୍ୱାଙ୍ଖେଡ଼େ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହେବ।

ତୃତୀୟ ମ୍ୟାଚ୍ ଶ୍ରୀଲଙ୍କା ଓ ଆୟରଲାଣ୍ଡ ମଧ୍ୟରେ ସନ୍ଧ୍ୟା ୭ଟା ସମୟରେ କଲମ୍ବୋର ଆର୍.ପ୍ରେମାଦାସା ଷ୍ଟାଡିୟମ୍‌ରେ ଖେଳାଯିବ।

# ତିରୁପତି– ଧ୍ୱଜାରୋହଣ ସେରିମନି

ତିରୁପତିର ଶ୍ରୀ କପିଳେଶ୍ୱର ସ୍ୱାମୀ ମନ୍ଦିରର ବାର୍ଷିକ ବ୍ରହ୍ମୋତ୍ସବର ଆଜି ଧ୍ୱଜାରୋହଣ ସମାରୋହ ଭବ୍ୟ ଏବଂ ପାରମ୍ପରିକ ଢଙ୍ଗରେ ଆରମ୍ଭ ହୋଇଛି। ବୈଦିକ ମନ୍ତ୍ର ଉଚ୍ଚାରଣ ସହ ଆଜି ସକାଳେ ନନ୍ଦୀଙ୍କ ପ୍ରତିଛବି ଧାରଣ କରିଥିବା ପବିତ୍ର ପତାକା 'ଧ୍ୱଜସ୍ତମ୍ଭମ' ପବିତ୍ର ମକର ଲଗ୍ନ ଅବସରରେ ଉତ୍ତୋଳନ କରାଯାଇଛି। ପଞ୍ଚମୂର୍ତ୍ତିମାନଙ୍କ ଦିବ୍ୟ ଉପସ୍ଥିତିରେ ଶୈବ ଆଗମ ଶାସ୍ତ୍ର ଅନୁଯାୟୀ ଏହି ରୀତିନୀତି ପାଳନ କରାଯାଉଛି।